# Aæ{º’ÿLÿÀÿ H Aæþ Óº™æœÿ

ପ୍ରମୋଦ କୁମାର ନାୟକ

ଅତୀତ ଭାରତରେ ଇଂରେଜ ଶାସନର ଅତ୍ୟାଚାର, ଅନ୍ୟ ଦିଗରେ ଅସ୍ପୃଶ୍ୟତା ବ୍ୟାଧିରେ ନିଷ୍ପେସିତ ହେଉଥିଲା ଭାରତର ଜନଜୀବନ । ଏପରି ଏକ ଦୁର୍ଦ୍ଦିନ ସମୟରେ, ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାସ୍ଥ ମାଓ ଗ୍ରାମରେ ୧୮୯୧ ମସିହା ଏପ୍ରିଲ ମାସ ୧୪ ତାରିଖରେ ଜନ୍ମ ନେଲେ ଭୀମରାଓ ଆମ୍ବେଦକର । ତଦୀୟ ପିତା ସ୍ୱୀୟ ଅଧ୍ୟବସାୟ ବଳରେ ଥିଲେ ସାମରିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ମାତା ଥିଲେ ଆଦର୍ଶ ଗୃହିଣୀ । ପୁତ୍ର ଓ କନ୍ୟାର ଜନନୀ ଥିଲେ ସନ୍ତାନ ବତ୍ସଳା । ସର୍ବୋପରି ଅନାବିଳ ସ୍ନେହ ଢାଳି ଦେଇଥିଲେ କନିଷ୍ଠ ପୁତ୍ର ଭୀମରାଓଙ୍କ ଉପରେ । ବିଧିର ବିଡ଼ମ୍ବନା ଏ ସ୍ନେହ ବେଶୀ ଦିନ ରହି ନଥିଲା । ଭୀମରାଓଙ୍କୁ ଯେତେବେଳେ ପାଞ୍ଚବର୍ଷ ସେତେବେଳେ ତାଙ୍କ ମାତା ଇହଧାମ ତ୍ୟାଗ କଲେ ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭୀମରାଓଙ୍କ ସଂଜ୍ଞା ମୂଳତଃ ଥିଲା 'ଆମ୍ବା ଭାବେ' । ବଙ୍ଗ ପରମ୍ପରାନୁସାରେ, ପିଲାମାନଙ୍କର ନାମକରଣ ସମୟେ, ସ୍ୱୀୟ ପିତା କିମ୍ବା ଗ୍ରାମର ନାମ ସଂଯୋଗ କରାଯାଉଥିଲା । ଏହି ଦୃଷ୍ଟିରୁ ଭୀମରାଓଙ୍କ ପୂର୍ବପୁରୁଷଙ୍କ ନାମ ଥିଲା 'ଆମ୍ବା ଭାବେ'କୁ ପରିବର୍ତ୍ତନ କରି 'ଆମ୍ବେଦକର' କରିଥିଲେ । ତେଣୁ ସେ ହେଲେ 'ଭୀମରାଓ ଆମ୍ବେଦକର' ।

ମାତାଙ୍କ ଅକାଳ ବିୟୋଗ ଅନ୍ତେ, ଭୀମରାଓଙ୍କର ଲାଳନପାଳନ ଭାର ସ୍ୱୀୟ ମାଉସୀଙ୍କ ହସ୍ତରେ ନ୍ୟସ୍ତ ଥିଲା । ମାଉସୀଙ୍କର ଅନାବିଳ ସ୍ନେହ ପାଇ ଆମ୍ବେଦକର ଭୁଲି ଯାଇଥିଲେ ମାତୃସ୍ନେହ ।

ବୟସକ୍ରମେ ଆମ୍ବେଦକର ବାପୋଲୀ ଗ୍ରାମସ୍ଥ ମରାଠୀ ବିଦ୍ୟାଳୟରେ ବିଦ୍ୟାଧ୍ୟୟନ ଆରମ୍ଭ କଲେ । ତତ୍କାଳୀନ ଶିକ୍ଷକମାନଙ୍କ ଅସ୍ପୃଶ୍ୟତାଜନିତ ଘୃଣା ମନୋଭାବ ଦୃଷ୍ଟେ, ଆମ୍ବେଦକର ସ୍କୁଲ ବାରଣ୍ଡାରେ ବସି ବିଦ୍ୟା ଅଧ୍ୟୟନ କରୁଥିଲେ । ବାଳକ ଆମ୍ବେଦକରଙ୍କୁ ଏତାଦୃଶ ବିଦ୍ୟା ଶିକ୍ଷା ଅସହ୍ୟ ହେଉଥିଲେ ହେଁ, ସେ ଥିଲେ ଜଣେ ମେଧାବୀ ଛାତ୍ର । ସେ ଶିକ୍ଷକମାନଙ୍କୁ ଉଚିତ ସମ୍ମାନ ଦେଉଥିଲେ । ପରିଣାମରେ ଆମ୍ବେଦକର ଶିକ୍ଷକମାନଙ୍କର ଆପଣାର ହୋଇପାରିଥିଲେ । ପିତାଙ୍କର ଚାକିରି ବଦଳି ଅନୁସାରେ ଆମ୍ବେଦକରଙ୍କୁ ସ୍କୁଲ ପରିବର୍ତ୍ତନ କରିବାକୁ ପଡୁଥିଲା । ନୂତନ ବିଦ୍ୟାଳୟରେ ବିଦ୍ୟା ଅଧ୍ୟୟନ ଦ୍ୱାରା ଆମ୍ବେଦକର ବହୁ ଜ୍ଞାନର ଅଧିକାରୀ ହୋଇଥିଲେ ହେଁ, ଅସ୍ପୃଶ୍ୟତାଜନିତ ଘୃଣା ଭାବ ତାଙ୍କୁ ବ୍ୟଥିତ କରୁଥିଲା । ଇତ୍ୟବସରରେ ଆମ୍ବେଦକର ସତ୍ତାରା ଉଚ୍ଚବିଦ୍ୟାଳୟରେ ଅଧ୍ୟୟନ କଲେ । ସେଠାରେ ମଧ୍ୟ ଛୁଆଁ, ଅଛୁଆଁ ଭେଦଭାବ ପୂରି ରହିଥିଲା । ଏପରିକି ସବର୍ଣ୍ଣ ଛାତ୍ରଛାତ୍ରୀ କିମ୍ବା ଶିକ୍ଷକ ଅସବର୍ଣ୍ଣ ଛାତ୍ରଛାତ୍ରୀ ପଢୁଥିବା ବାରଣ୍ଡାକୁ ପାଦ ଦେଉନଥିଲେ । ତଥାପି ଦୃଢ଼ ମନୋବଳ ନେଇ ଆମ୍ବେଦକର ବିଦ୍ୟାଧ୍ୟୟନ କରୁଥିଲେ । ଏହି ସତ୍ତାରା ଉଚ୍ଚବିଦ୍ୟାଳୟରେ ଆମ୍ବେଦକର ସଂସ୍କୃତ ଭାଷା ପଢ଼ିବା ପାଇଁ ସଂସ୍କୃତ ଶିକ୍ଷକଙ୍କୁ ଅନୁମତି

ମାଗିଥିଲେ । କିନ୍ତୁ ଶିକ୍ଷକ କହିଲେ, 'ସଂସ୍କୃତ ଦେବଭାଷା । ତେଣୁ ନିମ୍ନବର୍ଗର ପିଲା ସଂସ୍କୃତ ପଢ଼ିବା ମହାପାପ ।' ପରିଣାମରେ ଆମ୍ବେଦକର ଫରାସୀ ଭାଷାକୁ ଆପଣେଇ ନେଇଥିଲେ ।

ସତ୍ତାରା ବିଦ୍ୟାଳୟରେ ଜଣେ ଶିକ୍ଷକ, ଆମ୍ବେଦକରଙ୍କ ସୁମିଷ୍ଟ ବ୍ୟବହାର ତଥା ବିଦ୍ୟାଧ୍ୟୟନରେ ପ୍ରୀତ ଥିଲେ । ତାଙ୍କ ନିକଟରେ ଅସ୍ପୃଶ୍ୟ ଛାତ୍ରଛାତ୍ରୀମାନଙ୍କ ପ୍ରତି ଘୃଣାଭାବ ନଥିଲା । ସେ ଆମ୍ବେଦକରଙ୍କୁ ବହୁତ ସ୍ନେହ କରୁଥିଲେ ଏବଂ ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ- ଭୀମ ନିଶ୍ଚିତ ରୂପେ ଏକ ଆଦର୍ଶ ପୁରୁଷ ହେବ । ଆମ୍ବେଦକର ୧୯୦୭ ମସିହାରେ ଏଲ୍‌ଫିନ୍ ଷ୍ଟୋନ ଉଚ୍ଚବିଦ୍ୟାଳୟରୁ ମେଟ୍ରିକ ପାଶ୍ କଲେ । ଏହି ସମୟରେ ଆମ୍ବେଦକରଙ୍କ ବୟସ ହୋଇଥିଲା ୧୬ ବର୍ଷ ଏବଂ ଏହି ବର୍ଷ ସେ 'ରାମବାଈ' ନାମ୍ନୀ କନ୍ୟାକୁ ବିବାହ ହୋଇଥିଲେ ।

ଆମ୍ବେଦକରଙ୍କର କଲେଜରେ ବିଦ୍ୟାଧ୍ୟୟନ ନିମିତ୍ତ ମନ ଥିଲେ ହେଁ, ପାରିବାରିକ ଆର୍ଥିକ ଅନଟନ ଦୃଷ୍ଟେ କାର୍ଯ୍ୟକାରୀ ହୋଇପାରିନଥିଲା । ତଦାନୀନ୍ତନ ବରୋଦାର ମହାରାଜା ଶାୟ ଜୀରାଓ ଗାୟକୱାର୍ଡ଼, ଆମ୍ବେଦକରଙ୍କର ଆଦର୍ଶ ଚରିତ୍ରରେ ମୁଗ୍ଧ ହୋଇ କଲେଜରେ ପଢ଼ିବା ନିମିତ୍ତ ମାସକୁ ୨୫ ଟଙ୍କା ସାହାଯ୍ୟ ଦେଲେ । ତେଣୁ ଆମ୍ବେଦକର ଏଲ୍‌ଫିନ କଲେଜରେ ବିଦ୍ୟାଧ୍ୟୟନ କଲେ ଏବଂ ୧୯୧୨ ମସିହାରେ ସ୍ନାତକ ପରୀକ୍ଷାରେ ପାଶ୍ କଲେ । ପୁନଶ୍ଚ ରାଜାନୁଗ୍ରହ ଲାଭ କରି ଆମ୍ବେଦକର କଲମ୍ବିଆ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି, ରାଜନୀତି ବିଜ୍ଞାନ, ଦର୍ଶନ, ନୃତତ୍ତ୍ୱ ଆଦି ବିଷୟ ଅଧ୍ୟୟନ କଲେ । ୧୯୧୩ ମସିହାରେ ଆମ୍ବେଦକରଙ୍କ ପିତୃ ବିୟୋଗ ଘଟିଲା । ଅଥଚ ସେ ଦୃଢ଼ ମନୋବଳ ନେଇ ବିଦ୍ୟାଧ୍ୟୟନ କଲେ । ଇତ୍ୟବସରରେ ବରୋଦା ରାଜା, ଆମ୍ବେଦକରଙ୍କ ନିକଟରେ ସର୍ତ୍ତ ରଖିଲେ, ସେ ବିଦେଶରୁ ଉଚ୍ଚତର ବିଦ୍ୟାଧ୍ୟୟନ ପରେ ରାଜାଙ୍କ ଅଧୀନରେ ଦଶବର୍ଷ ଚାକିରି କରିବେ । ଆମ୍ବେଦକର ବିନା ଦ୍ୱିଧାରେ ତା'କୁ ମାନି ନେଲେ । ସେ ୧୯୧୫ ମସିହାରେ ସ୍ନାତକୋତ୍ତର ଉପାଧି ପ୍ରାପ୍ତ ହେଲେ । ଭାରତର ଅର୍ଥନୀତିକ ବ୍ୟବସ୍ଥା ଉପରେ ଗବେଷଣାମୂଳକ ସନ୍ଦର୍ଭ ଲେଖି ଡକ୍ଟରେଟ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ତାଙ୍କର ନିବନ୍ଧଟି ଥିଲା 'ବ୍ରିଟିଶ ମୂଳଧନର ପ୍ରାଦେଶିକ ଆର୍ଥିକ କ୍ରମବିକାଶ' (The Evalution of Provincial in British Capital) ।

କଲମ୍ବିଆ ବିଶ୍ୱବିଦ୍ୟାଳୟ ଥିଲା ଛୁଆଁ ଅଛୁଆଁ ଭେଦଭାବର ବହୁତ ଊର୍ଦ୍ଧ୍ୱରେ । ଅପରପକ୍ଷରେ ଉଚ୍ଚଦକ୍ଷତା ସମ୍ପୂର୍ଣ୍ଣ ଅଧ୍ୟାପକମାନଙ୍କ ଅଧ୍ୟାପନା, ଉଚ୍ଚମାନର ପୁସ୍ତକାଗାର ଆମ୍ବେଦକରଙ୍କୁ ସାହାଯ୍ୟ କରିଥିଲା । ତେଣୁ ଆମ୍ବେଦକର ପଠନ ସହିତ ସ୍ୱଦେଶର ଅର୍ଥନୀତି, ଜାତିପ୍ରଥା, ଶିକ୍ଷାପ୍ରଣାଳୀ, ରାଜନୀତି ସମ୍ପର୍କିତ ଉନ୍ନତମାନ ପ୍ରବନ୍ଧ ରଚନା କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ତଦ୍‌ଦ୍ୱାରେ ବରୋଦା ରାଜାଙ୍କ ପ୍ରେରଣା ପାଇ ଆମ୍ବେଦକର ଲଣ୍ଡନ ବିଦ୍ୟାଧ୍ୟୟନ ନିମିତ୍ତ ଯାଇଥିଲେ । ସେଠାରେ ସେ ଅର୍ଥନୀତି ଏବଂ ରାଜନୀତି ବିଜ୍ଞାନର ଛାତ୍ର ଭାବେ ଯୋଗ ଦେଇଥିଲେ । କିନ୍ତୁ ଅସୁବିଧାବଶତଃ ଶିକ୍ଷା ଶେଷ ନହେଉଣୁ ସ୍ୱଦେଶକୁ ଫେରି ଆସିଲେ । ଇତ୍ୟବସରରେ, ସେ ଆଇନ ବିଦ୍ୟାରେ କୃତିତ୍ୱ ଅର୍ଜନ କରିସାରିଥିଲେ ।

ବରୋଦା ରାଜାଙ୍କ ସର୍ତ୍ତ ଅନୁସାରେ ଆମ୍ବେଦକର ରାଜାଙ୍କର ଅର୍ଥ ମନ୍ତ୍ରୀ ପଦ ଅଳଙ୍କୃତ କଲେ । ଆମ୍ବେଦକରଙ୍କର ପ୍ରତ୍ୟେକ ବିଷୟ ଉପରେ ଆମୂଳଚୂଳ ଜାଣିବାର ଜିଜ୍ଞାସା ଥିଲା । ତେଣୁ ସେ ମନ୍ତ୍ରୀ ପଦ ପରିବର୍ତ୍ତେ ମିଲିଟାରୀ ସେକ୍ରେଟାରୀ ରୂପେ ନିଯୁକ୍ତି ନିମିତ୍ତ ରାଜାଙ୍କୁ ଅନୁରୋଧ କରିଥିଲେ । ରାଜା ମଧ୍ୟ ଏକମତ ହେଲେ । ଆମ୍ବେଦକରଙ୍କ ପରି ଉଚ୍ଚଶିକ୍ଷିତ ତଥା ଗୁଣବାନ ବ୍ୟକ୍ତିଙ୍କୁ ପାଇ ବରୋଦା ରାଜା ଆନନ୍ଦିତ ଥିଲେ ହେଁ, ଅନ୍ୟ କର୍ମଚାରୀମାନଙ୍କ ବ୍ୟବହାରରେ ସେ ହେଲେ ମର୍ମାହତ । ଆମ୍ବେଦକର ରାଜାଙ୍କ ଆଗରେ ବର୍ଣ୍ଣନା କରିବାକୁ ଯାଇ କହିଲେ, 'ଦେଶରେ ଅସ୍ପୃଶ୍ୟତା କଳଙ୍କ ରହିଲେ ଦେଶ ସମୃଦ୍ଧ ହୋଇପାରିବ ନାହିଁ ।' ରାଜା ମର୍ମେ ମର୍ମେ ସବୁ ବୁଝିଲେ । କିନ୍ତୁ ଜନବିରୋଧ କାର୍ଯ୍ୟ କଲେ ପରିସ୍ଥିତି ଜଟିଳ ହେବ ବୋଲି ମନ୍ତବ୍ୟ ଦେଲେ । ପରିଣାମରେ ଆମ୍ବେଦକର ଚାକିରିରୁ ଇସ୍ତଫା ଦେଲେ ।

ଆମ୍ବେଦକର ବମ୍ବେ ଆସି ପୁନଶ୍ଚ ଚାକିରି ଅନ୍ୱେଷଣ କଲେ । ସମସ୍ତ ଯୋଗ୍ୟତା ଥାଇ ମଧ୍ୟ ତାଙ୍କୁ ଚାକିରି ମିଳି ନଥିଲା । ପରିଶେଷରେ ସେ କେତେକ ନିମ୍ନବର୍ଗ ଗରିବ ଛାତ୍ରମାନଙ୍କୁ ଘରୋଇ ଶିକ୍ଷା ଦେଲେ । ଫଳରେ ଘରୋଇ ଶିକ୍ଷାଦାନ ଲବ୍ଧ ଧନ ସଂଚୟ କରି ଗୁଜୁରାଣ ପୂରଣ କଲେ । ଇତ୍ୟବସରରେ ସିଡ଼େନହମ୍ କଲେଜରେ ପ୍ରଫେସର ପଦରେ ନିଯୁକ୍ତି ପାଇଲେ । ଆମ୍ବେଦକର ଥିଲେ ଛାତ୍ରବସ୍ତଳ । ଶିକ୍ଷାଦାନ ପଦ୍ଧତି ସମସ୍ତ ଛାତ୍ରଙ୍କର ହୃଦୟସ୍ପର୍ଶ କରୁଥିଲା । ତେଣୁ ତାଙ୍କର ସୁଖ୍ୟାତ ବଢ଼ିଗଲା । ଅପରପକ୍ଷରେ ଅନ୍ୟ ଅଧ୍ୟାପକମାନେ ଈର୍ଷା ପରାୟଣ ହୋଇ ଆମ୍ବେଦକରଙ୍କ ପ୍ରତି ନାନାଦି ଅସୁବିଧା ସୃଷ୍ଟି କଲେ । ପରିଣାମରେ ଆମ୍ବେଦକର ଏହି କଲେଜରେ ମାତ୍ର ଏକବର୍ଷ ଚାରିମାସ କାଳ ଚାକିରି କରିଥିଲେ । ନିଜର ସଞ୍ଚିତ ରାଶିକୁ ନେଇ

ଆମ୍ବେଦକର ପୁନଶ୍ଚ ବିଦ୍ୟାଧ୍ୟୟନ ନିମିତ୍ତ ଲଣ୍ଡନସ୍ଥ ସ୍କୁଲ ଅଫ୍ ଇକୋନମିକ୍ସରେ ଯୋଗଦାନ କଲେ ।

ଲଣ୍ଡନରେ ବିଦ୍ୟାଧ୍ୟୟନ ଅନ୍ତେ ଆମ୍ବେଦକର ଜର୍ମାନୀର ବନ ବିଶ୍ୱବିଦ୍ୟାଳୟରେ ଗବେଷଣାରତ ହେଲେ । ସେ କୃତିତ୍ୱ ସହ ସର୍ବୋଚ୍ଚ ଉପାଧି (ଡି.ଏସ୍.ସି.) ପାଇଥିଲେ । ବିଦ୍ୟାଧ୍ୟୟନ ନେଇ ଆମ୍ବେଦକର ବହୁଦେଶ ଯାଇଥିଲେ । ସେ ଚାହିଁଥିଲେ, ଅନ୍ୟ ଦେଶମାନଙ୍କରେ ଉଚ୍ଚତମ ପଦପଦବୀ ମଣ୍ଡନ କରିପାରିଥାନ୍ତେ । କିନ୍ତୁ ଜନ୍ମଭୂମିର ଜାତୀୟ ସଂହତି ରକ୍ଷା ନିମିତ୍ତ ସେ ଭାରତ ଫେରି ଆସି ସ୍ୱାଧୀନ ଭାବେ ୧୯୨୩ ମସିହାରେ ବମ୍ବେ ହାଇକୋର୍ଟରେ ଆଇନ ବ୍ୟବସାୟ ଆରମ୍ଭ କଲେ ।

ଭାରତରେ ଜାତିଭେଦ ପ୍ରଥା କ୍ରମେ ତୀବ୍ର ରୂପ ଧାରଣ କଲା । ମାନବ ସମାଜ ମଧ୍ୟରୁ ଏହି କୁସଂସ୍କାରକୁ ଦୂର କରିବାକୁ ଆମ୍ବେଦକର ଦୃଢ଼ ସଂକଳ୍ପ ନେଲେ । ସେ ଦଳିତ, ପତିତ ଜାତିର ଉନ୍ନତିକଳ୍ପେ ନାନାଦି କାର୍ଯ୍ୟପନ୍ଥା ଆରମ୍ଭ କଲେ । ସଂଯୋଗକ୍ରମେ ସାର୍ ନାରାୟଣ ଚନ୍ଦ୍ରବାରକାରଙ୍କ ଅଧିନାୟକତ୍ୱରେ ଦଳିତ ପତିତମାନଙ୍କ ସମସ୍ୟାର ସମାଧାନ ନିମିତ୍ତ ଡିପ୍ରେସନ କ୍ଲାସେସ ମିଶନ ଅନୁଷ୍ଠାନ ମୁଣ୍ଡ ଟେକିଲା । ଇତ୍ୟବସରରେ ନାଗପୁର ମହାରାଜାଙ୍କ ସଭାପତିତ୍ୱରେ କୋହ୍ଲାରପୁରଠାରେ ଏକ ସଭା ଆହ୍ୱାନ ହେଲା ୧୯୧୮ ମସିହାରେ । ଆମ୍ବେଦକର ବକ୍ତାରୂପେ ନିମନ୍ତ୍ରିତ ହୋଇ ସଭାରେ ଜାତିଭେଦ ଏବଂ ଅସବର୍ଣ୍ଣମାନଙ୍କ ଦୟନୀୟ ଅବସ୍ଥା ଉପରେ ଓଜସ୍ୱିନୀ ଭାଷଣ ପ୍ରଦାନ କରିଥିଲେ । ତା'ପରେ ୧୯୨୦ ମସିହା ଜାନୁଆରୀ ୩୧ ତାରିଖରେ ଆମ୍ବେଦକର ବମ୍ବେରୁ ପ୍ରକାଶ କଲେ ସାପ୍ତାହିକ ପତ୍ରିକା 'ମୂକନାୟକ' । ପୁନଶ୍ଚ ୧୯୨୭ ମସିହାରେ ସ୍ୱ-ସମ୍ପାଦନାରେ ପ୍ରକାଶ କଲେ ସମ୍ବାଦପତ୍ର 'ବହିଷ୍କୃତ ଭାରତ' । ଏହି ପତ୍ରପତ୍ରିକା ମାଧ୍ୟମରେ ଆମ୍ବେଦକର ଅବହେଳିତ ଲୋକମାନଙ୍କ ସମସ୍ୟା ସମୂହକୁ ପ୍ରକାଶ କରି ଜନସଚେତନତା ସୃଷ୍ଟି କରିପାରିଥିଲେ । ପରିଣାମ ସ୍ୱରୂପ ନିମ୍ନବର୍ଗର ବହୁ ନରନାରୀ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ । ଫଳରେ ବୁଦ୍ଧିଜୀବୀ ମହଲରେ ଚମକ ସୃଷ୍ଟି କଲା ।

୧୯୨୭ ମସିହାରେ ଆମ୍ବେଦକର ବମ୍ବେ ବିଧାନସଭାକୁ ମନୋନୀତ ହେଲେ । ଆମ୍ବେଦକର ଏହି ସୁଯୋଗ ଅପେକ୍ଷାରେ ଥିଲେ । ବିଧାନସଭାରେ ରାଜାମାନଙ୍କ ବଂଶାନୁକ୍ରମିକ ପଦପଦବୀର ଉଚ୍ଛେଦ ଏବଂ ଅସ୍ପୃଶ୍ୟମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସୁବିଧା ସୁଯୋଗ ପ୍ରଦାନକୁ ଆଗତ କଲେ । ତତ୍କାଳୀନ ସମାଜରେ ଅସବର୍ଣ୍ଣଙ୍କ ଦେବଦେବୀ ମନ୍ଦିରକୁ ପ୍ରବେଶ ନିଷେଧ ଥିଲା । ଆମ୍ବେଦକର ସତ୍ୟାଗ୍ରହ ମାଧ୍ୟମରେ ଏହାର ସମାଧାନ କରିଥିଲେ । ଇତ୍ୟବସରରେ ଜାତିର ଜନକ ମହାତ୍ମା ଗାନ୍ଧୀ, ଅସ୍ପୃଶ୍ୟମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଇଂରାଜୀରେ 'ହରିଜନ' ତଥା ହିନ୍ଦୀରେ 'ହରିଜନ ସେବକ' ପତ୍ରିକା ମାଧ୍ୟମରେ ବହୁ ତଥ୍ୟଭିତ୍ତିକ ଲେଖାମାନ ପ୍ରକାଶ କଲେ । ବହୁ ବୁଦ୍ଧିଜୀବୀ ମଧ୍ୟ ଏହି ପତ୍ରିକାରେ ସ୍ୱକୀୟ ମତପ୍ରକାଶ କରିଥିଲେ ।

୧୯୧୧ ମସିହାଠାରୁ ଭାରତ ଶାସନ ଆଇନ ଅନୁଯାୟୀ ଶାସନ ପରିଚାଳିତ ହେଉଥିଲେ ହେଁ, ଜନସାଧାରଣ ଏଥିରେ ସନ୍ତୁଷ୍ଟ ନଥିଲେ । ବରଂ ଦିନକୁ ଦିନ ରାଷ୍ଟ୍ରନେତାମାନଙ୍କ ନାନାବିଧ ଦାବୀ ଇଂରେଜ ସରକାରଙ୍କଠାରେ ଉପସ୍ଥାପିତ ହେଉଥିଲା । ଏହାର ସଫଳତା ଅନୁସନ୍ଧାନ ନିମିତ୍ତ ୧୯୨୮ ମସିହାରେ ସାର ଜନ୍ ସାଇମନଙ୍କ ସଭାପତିତ୍ୱରେ ସାତଜଣ ସଭ୍ୟ ଭାରତ ଆଗମନ କଲେ । ଏହା ସାଇମନ କମିଶନ ନାମରେ କଥିତ । ଏଥିରେ ଥିବା ସମସ୍ତ ସଦସ୍ୟ ଇଂରେଜ ଥିବାରୁ ଭାରତୀୟମାନେ ବିକ୍ଷୋଭ ପ୍ରଦର୍ଶନ କଲେ । ଅଥଚ ଏକାକୀ ଆମ୍ବେଦକର ଅସ୍ପୃଶ୍ୟମାନଙ୍କ ସ୍ୱାର୍ଥ ସକାଶେ ସଭାରେ ଯୋଗଦାନ କରିଥିଲେ । ପରିଣାମରେ ସାଇମନ ଦେଶରେ ସଂପ୍ରତି ସଂହତି ନାହିଁ ବୋଲି ହୃଦୟଙ୍ଗମ କରିଥିଲେ । ପୁନଶ୍ଚ ଅନ୍ୟ ଏକ ଭାରତ ଆଇନ ପ୍ରଣୟନ ନିମିତ୍ତ ଇଂରେଜ ସରକାର ୧୯୩୦ ମସିହାରେ ପ୍ରଥମ ଗୋଲଟେବୁଲ ବୈଠକ ବସାଇଲେ । ଏଥିରେ ମଧ୍ୟ ଭାରତୀୟ ନେତାମାନେ ଯୋଗ ଦେଇନଥିଲେ । କେବଳ ଏହି ସଭାରେ ଆମ୍ବେଦକର ଯୋଗ ଦେଇ ଅସ୍ପୃଶ୍ୟ ଜାତିର ଉନ୍ନତି ତଥା ଦେଶ ସଂହତି ରକ୍ଷା ସକାଶେ ବିଚାରାଲୋଚନା କରିଥିଲେ । ପୁନଶ୍ଚ ଇଂରେଜ ସରକାର ୧୯୩୧ ମସିହାରେ ଇଂଲଣ୍ଡଠାରେ ଦ୍ୱିତୀୟ ଗୋଲଟେବୁଲ ବୈଠକ ଆହ୍ୱାନ କଲେ । ଏଥର ହରିଜନମାନଙ୍କ ପ୍ରତିନିଧି ଭାବରେ ମହାତ୍ମା ଗାନ୍ଧୀ ଯାଇଥିଲେ । ତତ୍‌ସହିତ ଆମ୍ବେଦକର ମଧ୍ୟ ଥିଲେ । ମହାତ୍ମା ଗାନ୍ଧୀ ହରିଜନମାନଙ୍କ ନିମିତ୍ତ ଯେଉଁ ଦାବୀ ଉପସ୍ଥାପନ କରିଥିଲେ, ତାହାକୁ ଆମ୍ବେଦକର ବିରୋଧ କରିବାରୁ କୌଣସି ସମାଧାନ ହୋଇନଥିଲା । ଏହାର ସୁଯୋଗ ନେଇ ଇଂରେଜ ସରକାର ହରିଜନମାନଙ୍କୁ ହିନ୍ଦୁଧର୍ମରୁ ଅଲଗା କରିବା ନିମିତ୍ତ ୧୯୩୨ ମସିହା ଅଗଷ୍ଟ ମାସ ୧୯ ତାରିଖରେ ଘୋଷଣା କଲେ ନିୟମ 'କମ୍ୟୁନାଲ ଆୱାର୍ଡ଼' । ତଦନୁଯାୟୀ ହରିଜନମାନଙ୍କୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀଭୁକ୍ତ କରାଗଲା । ଆମ୍ବେଦକର ଏହାକୁ ସ୍ୱୀକାର କଲେ ।

ଅଥଚ ଦେଶ ଐକ୍ୟବଦ୍ଧ ବିନଷ୍ଟ ଆଶାରେ ମହାତ୍ମା ଗାନ୍ଧୀ, ମଦନମୋହନ ମାଲବ୍ୟ ପ୍ରମୁଖ ନେତାମାନେ ଆମ୍ବେଦକରଙ୍କ ସହିତ ବିଚାରବିମର୍ଷରେ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରୂପ ନେଲା । ଏଥିରେ ହରିଜନମାନେ ନିର୍ବାଚନରେ ଅଂଶଗ୍ରହଣ କରିଥିଲେ । ତୃତୀୟ ଗୋଲଟେବୁଲ ବୈଠକ ୧୯୩୨ ନଭେମ୍ବର ୭ ତାରିଖରେ ଇଂଲଣ୍ଡଠାରେ ବସିଥିଲା । ଏଥିରେ ଆମ୍ବେଦକର ଯୋଗଦାନପୂର୍ବକ ଅସ୍ପୃଶ୍ୟମାନଙ୍କ ସୁବିଧା ସକାଶେ ଲିଖିତ ବିବରଣୀ ପଠନ କରିଥିଲେ ।

ଭାରତ ଶାସନ ଆଇନ ପ୍ରଣୟନ ହେଲା ୧୯୩୫ ମସିହାରେ । ତଦନୁଯାୟୀ ଭାରତରେ ଏକ ରାଷ୍ଟ୍ରସଂଘ ପ୍ରତିଷ୍ଠା ନିମିତ୍ତ ଆଦେଶ ଦିଆଗଲା । ଏହାଦ୍ୱାରା ଦୁଇଟି ବ୍ୟବସ୍ଥା କାର୍ଯ୍ୟକାରୀ ହେଲା । ଗୋଟିଏ ହେଲା ବ୍ରିଟିଶ ଶାସିତ ଅଞ୍ଚଳ ତଥା ଦେଶୀୟ ରାଜ୍ୟମାନଙ୍କୁ ନେଇ ସର୍ବଭାରତୀୟ ସଂଘ ବା ଯୁକ୍ତରାଷ୍ଟ୍ର ଗଠନ । ଅନ୍ୟଟି ହେଲା ଭାରତୀୟମାନଙ୍କ ହାତରେ ଦାୟିତ୍ୱମୂଳକ ଶାସନ କ୍ଷମତା । ତଦନୁଯାୟୀ ପ୍ରଥମେ ପ୍ରାଦେଶିକ ସ୍ତରରେ ୧୯୩୭ ମସିହା ଅପ୍ରେଲ ମାସରେ ଆରମ୍ଭ ହେଲା ମନ୍ତ୍ରିମଣ୍ଡଳ ଶାସନ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ଯୋଗୁଁ ଏହି ଆଇନର ଅବସାନ ଘଟିଲା । ଅଥଚ ଏହି ସ୍ୱଳ୍ପ ସମୟସୀମା ମଧ୍ୟରେ ବ୍ରିଟିଶ ଭାରତର ପ୍ରାଦେଶିକ ସ୍ତରରେ ସାଧାରଣ ନିର୍ବାଚନ ହୋଇଥିଲା ୧୯୩୭ ମସିହାରେ । ଏହି ସମୟରେ ଡକ୍ଟର ଆମ୍ବେଦକର ଦଳିତ, ପତିତମାନଙ୍କୁ ନେଇ ଗଠନ କରିଥିଲେ 'ଶ୍ରମିକ ସଂଘ' । ଏହି ନିର୍ବାଚନରେ କଂଗ୍ରେସ ସମସ୍ତ ସ୍ଥାନରେ ସଭ୍ୟମାନଙ୍କୁ ପ୍ରାର୍ଥୀ କରିଥିଲେ । ଆମ୍ବେଦକର ବମ୍ବେ ବିଧାନସଭା ନିମିତ୍ତ 'ଶ୍ରମିକ ସଂଘ' ତରଫରୁ ନିଜେ ପ୍ରାର୍ଥୀ ହୋଇଥିଲେ । ବମ୍ବେର ୧୭ଟି ଆସନ ମଧ୍ୟରୁ ୧୫ଟି ଆସନରେ ଆମ୍ବେଦକର ବିଜୟୀ ହୋଇଥିଲେ । ଅପରପକ୍ଷରେ କଂଗ୍ରେସ ଦଳ ସାତଟି ପ୍ରଦେଶରେ ବିଜୟୀ ହେବାରୁ ମନ୍ତ୍ରିମଣ୍ଡଳ ଗଠନ କରିଥିଲା । ସେହି ସମୟରେ ଆମ୍ବେଦକର ହେଲେ ବିଧାନସଭାର ବିରୋଧୀ ଦଳ ନେତା ।

ବିରୋଧୀ ଦଳର ନେତା ହିସାବରେ ଆମ୍ବେଦକର ଥିଲେ କଂଗ୍ରେସ ଓ ଇଂରେଜ ବିରୋଧୀ । ଏହା ମୂଳରେ ଥିଲା ଦଳିତମାନଙ୍କ ଉନ୍ନତି । ଆମ୍ବେଦକରଙ୍କ ଅନ୍ତର୍ନିହିତ ଦେଶପ୍ରେମ ମହାତ୍ମା ଗାନ୍ଧୀ ବୁଝିପାରିଥିଲେ । ତେଣୁ ସେ ୧୯୩୮ରେ ଅସ୍ପୃଶ୍ୟମାନଙ୍କ ନିମିତ୍ତ ସଂଜ୍ଞା ଦେଲେ 'ହରିଜନ' । କୃଷକ ଓ ଶ୍ରମିକମାନଙ୍କୁ ତତ୍କାଳୀନ ରାଜା, ମହାରାଜା, ଜମିଦାର ଓ ମହାଜନମାନେ ଶୋଷଣ ଓ ଅତ୍ୟାଚାର କରୁଥିଲେ । ଆମ୍ବେଦକର ସେସବୁ କାର୍ଯ୍ୟକଳାପକୁ ପ୍ରତିବାଦ କରି ବମ୍ବେ ବିଧାନସଭାରେ ଆଗତ କରିଥିଲେ କୃଷି ଶ୍ରମିକମାନଙ୍କ ଦାସତ୍ୱ ଉଚ୍ଛେଦ । କୃଷିର ଉନ୍ନତିକଳ୍ପେ ଆମ୍ବେଦକର ସମବାୟ ମାଧ୍ୟମରେ ସବୁଜ ବିପ୍ଳବର ସୂତ୍ର ବାହାର କରିଥିଲେ ଏବଂ ବିଧାନସଭାରେ ଯୁକ୍ତି କରି କାର୍ଯ୍ୟରେ ପରିଣତ କରିଥିଲେ ।

ଦୀନ ଦରିଦ୍ରର ବନ୍ଧୁଥିଲେ ଆମ୍ବେଦକର । ସେ ଖଣି, ଖାଦାନମାନଙ୍କରେ କାମ କରୁଥିବା ଗୋଟି ଶ୍ରମିକମାନଙ୍କ ଉନ୍ନତି ନିମିତ୍ତ ସତତ ତତ୍ପର ଥିଲେ । ଶ୍ରମିକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଉଚିତ ପ୍ରାପ୍ୟ, କାର୍ଯ୍ୟ ସମୟ ନିର୍ଘଣ୍ଟ ଆଦି ନିର୍ଦ୍ଧାରିତ ନିମିତ୍ତ ଇଂରେଜ ସରକାରଙ୍କୁ ଜଣାଇଥିଲେ । ଏପରିକି ଶ୍ରମିକମାନଙ୍କ ନିମିତ୍ତ ପ୍ରଣୀତ କରିଥିଲେ ଆଇନ ପୁସ୍ତକ 'ଲେବାରକୋର୍ଟ' ୧୯୪୫ ମସିହା ସେପ୍ଟେମ୍ବର ୨ ତାରିଖରେ । ଏହା ଦେଶର ଅଗଣିତ ଶ୍ରମିକମାନଙ୍କୁ ସାହାଯ୍ୟ ଓ ସହାନୁଭୂତି ଦେବାରେ ସକ୍ଷମ ହୋଇପାରିଛି ।

୧୯୩୯ ମସିହା ସେପ୍ଟେମ୍ବର ୩ ତାରିଖରେ ଆରମ୍ଭ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ । ଜର୍ମାନ ବିରୋଧରେ ବ୍ରିଟିଶ ସରକାର ଯୁଦ୍ଧ ଡାକରା ଦେବା ସହିତ ଭାରତକୁ ନ ପଚାରି ତତ୍କାଳୀନ ବଡ଼ଲାଟ ଲିନ୍‌ଲିଥଗୋ ଭାରତ ପକ୍ଷରୁ ଯୁଦ୍ଧ ଘୋଷଣା କରିଦେଲେ । ପରିଣାମରେ ଭାରତୀୟ ପ୍ରଦେଶ କଂଗ୍ରେସ ମନ୍ତ୍ରିମଣ୍ଡଳ ଅପମାନ ବୋଧ କଲେ । ସେମାନେ ବଡ଼ଲାଟଙ୍କୁ କହିଲେ, 'ଇଂଲଣ୍ଡ ଗଣତନ୍ତ୍ର ପାଇଁ ଯୁଦ୍ଧ କରୁଅଛି । ତେଣୁ ପ୍ରଥମତଃ ଭାରତରୁ ସାମ୍ରାଜ୍ୟବାଦକୁ ବିଲୋପ କରି ସ୍ୱାଧୀନ ଦେବା ଯୁକ୍ତିଯୁକ୍ତ ।' ଏହି ପ୍ରସ୍ତାବକୁ ବ୍ରିଟିଶ ସରକାର ରାଜି ହୋଇନଥିଲେ । ଫଳତଃ ଭାରତୀୟ ପ୍ରାଦେଶିକ ମନ୍ତ୍ରିମଣ୍ଡଳ ୧୯୩୯ ମସିହା ଏପ୍ରିଲ ମାସ ୩୧ ତାରିଖରେ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇଥିଲେ । ତା'ପରେ ଜାତୀୟ କଂଗ୍ରେସ ଏବଂ ବ୍ରିଟିଶ ସରକାରଙ୍କ ମଧ୍ୟରେ ସୃଷ୍ଟି ହେଲା କନ୍ଦଳ । ମହାତ୍ମା ଗାନ୍ଧୀଙ୍କର ବଳିଷ୍ଠ ନେତୃତ୍ୱ ଯୋଗୁଁ ବହୁ ଜାତୀୟବାଦୀ ନେତା କଂଗ୍ରେସ ସହିତ ଏକମତ ଥିଲେ ।

ଇଉରୋପ ମହାଦେଶର ଜର୍ମାନୀ ଓ ଇଟାଲି ମିଳିତ ଭାବରେ ଇଂଲଣ୍ଡ ଓ ମିତ୍ରଶକ୍ତି ସହିତ ବିଶ୍ୱଯୁଦ୍ଧରେ ଲିପ୍ତ ଥିଲେ । କ୍ରମଶଃ ଏହି ଯୁଦ୍ଧ ଭୟାନକ ରୂପ ଧାରଣ କଲା । ବ୍ରିଟିଶ ସରକାର ଭାରତର ସାହାଯ୍ୟ ଚାହିଁଲେ । ଫଳରେ ଭାରତୀୟ ଜାତୀୟ କଂଗ୍ରେସକୁ ସୁଯୋଗ ହେଲା । ସେ କହିଲେ, 'ବର୍ତ୍ତମାନ ଭାରତରେ ଏକ ଅସ୍ଥାୟୀ ଜାତୀୟ ସରକାର ଗଠନ ହେଉ ଏବଂ ଯୁଦ୍ଧ ଅନ୍ତେ ଭାରତକୁ ସ୍ୱାଧୀନତା ଦିଆଗଲେ ଭାରତ ଇଂଲଣ୍ଡକୁ ସାହାଯ୍ୟ

କରିବ । କଂଗ୍ରେସର ଏହି ସର୍ତ୍ତକୁ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଉଇନ୍‌ଷ୍ଟନ ଚର୍ଚ୍ଚିଲ ଗ୍ରହଣ କଲେ ନାହିଁ । ଅପରପକ୍ଷରେ ଜର୍ମାନୀ ସୈନ୍ୟ ଅନାୟସରେ ଇଣ୍ଡୋଚୀନ, ଇଣ୍ଡୋନେସିଆ ଦେଇ ବ୍ରହ୍ମଦେଶ ଅଭିମୁଖେ ଅଗ୍ରସର ହୋଇ ଭାରତ ସୀମାନ୍ତ ଅଞ୍ଚଳରେ ଯୁଦ୍ଧ କଲେ । ଚର୍ଚ୍ଚିଲ ହେଲେ କିଂ କର୍ତ୍ତବ୍ୟ ବିମୂଢ଼ । ମନ୍ତ୍ରିମଣ୍ଡଳର ଶ୍ରମିକ ନେତା ସାର ଷ୍ଟାଫୋର୍ଡ଼ କ୍ରିମସ୍‌ଙ୍କୁ ୧୯୪୧ ମସିହାରେ ଭାରତୀୟ ନେତାମାନଙ୍କ ନିକଟକୁ ସମାଧାନ ନିମିତ୍ତ ପ୍ରେରଣ କଲେ । କ୍ରିପସ୍ ଭାରତ ଆସି ବିଭିନ୍ନ ଦଳର ନେତାମାନଙ୍କ ସହିତ ଆଲୋଚନା କଲେ ହେଁ ତାଙ୍କ ପ୍ରସ୍ତାବକୁ ଭାରତୀୟମାନେ ଗ୍ରହଣ କରିନଥିଲେ ।

ବ୍ରିଟିଶ ସରକାରଙ୍କ ସ୍ୱେଚ୍ଛାଚାର ଶାସନ, ଜର୍ମାନର ସୀମାନ୍ତ ଆକ୍ରମଣ, ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ପାକିସ୍ତାନ ଗଠନ ଭାରତୀୟ ନେତୃବୃନ୍ଦଙ୍କୁ ମର୍ମାହତ କଲା । ସେମାନେ ଚିନ୍ତା କଲେ ଯେ, ଇଂରେଜ ସରକାର ଆମ ଦେଶରୁ ଚାଲିଗଲେ ଦେଶରେ ହେବ ଶାନ୍ତିର ଅଖଣ୍ଡ ରାଜତ୍ୱ । ଏହି ଦୃଷ୍ଟିରୁ ୧୯୪୨ ମସିହା ଅଗଷ୍ଟ ୭ ତାରିଖ ଦିନ ବମ୍ବେଠାରେ ଜାତୀୟ କମିଟି ବସିଥିଲା । ସେଠାରେ ମହାତ୍ମା ଗାନ୍ଧୀ ଆଗତ କଲେ ଇଂରେଜମାନଙ୍କ ଭାରତ ଛାଡ଼ । ସର୍ବସମ୍ମତିକ୍ରମେ ଏହା ଗୃହୀତ ହେଲା । ଭାରତୀୟମାନେ ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଲେ । ଲୋକେ ଇଂରେଜମାନଙ୍କ ଦ୍ୱାରା ନାନାଦି ଦଣ୍ଡ ପାଇଲେ ହେଁ ସଂଗ୍ରାମ ଜାରି ରଖିଲେ । ଅଧିକନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଭାରତୀୟ ସେନାମାନଙ୍କୁ ନେଇ ଗଠନ କଲେ 'ଆଜାଦ୍ ହିନ୍ଦ୍ ଫୌଜ' । ଏହି ସେନାବାହିନୀକୁ ନେଇ ସୁଭାଷ ଚନ୍ଦ୍ର ସ୍ୱାଧୀନ ସରକାର ଗଠନ କଲେ ସିଙ୍ଗାପୁରରେ । ତତ୍‌ସହିତ ବ୍ରିଟିଶ ବିରୋଧରେ ଯୁଦ୍ଧ ଘୋଷଣା କରି ଆସାମର କୋହିମାଠାରେ ୧୯୪୩ ମସିହାରେ କଲେ ସ୍ୱାଧୀନ ପତାକା ଉତ୍ତୋଳନ । ଭାରତ ବାହାରେ ଭାରତୀୟମାନେ ଇଂରେଜ ବିରୋଧରେ ଯୁଦ୍ଧ ଘୋଷଣା ପୂର୍ବକ ଦେଶ ପ୍ରୀତିର ଯେଉଁ ପରାକାଷ୍ଠା ପ୍ରଦର୍ଶନ କଲେ, ତାହା ଇଂରେଜମାନଙ୍କୁ ଭୟଭୀତ କରି ଦେଲା । ପରିଣାମରେ ଇଂରେଜମାନେ ସିଦ୍ଧାନ୍ତ ନେଲେ ଯେ, ଭାରତୀୟମାନଙ୍କୁ ଦାୟିତ୍ୱ ନଦେଲେ ସାମରିକ ବିଦ୍ରୋହ ଅଥବା ଗଣଆନ୍ଦୋଳନ ଅବଶ୍ୟମ୍ଭାବୀ । ୧୯୪୫ ମସିହାରେ ହେଲା ବିଶ୍ୱଯୁଦ୍ଧର ଅବସାନ ।

ଦଳୀୟ ନେତା ସାର୍ କ୍ଲିମେଣ୍ଟ ଆଟଲି ଇଂଲଣ୍ଡର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କଲେ । ଶ୍ରମିକ ଦଳ ଭାରତକୁ ସ୍ୱାଧୀନ ଦେବାକୁ ହେଲା ଅଙ୍ଗୀକାରବଦ୍ଧ । ୧୯୪୬ ମସିହାରେ ଆଟଲି ପ୍ରେରଣ କଲେ କ୍ୟାବିନେଟ ମିଶନ ଭାରତକୁ । ଏହି ମିଶନରେ ଥିଲେ ତିନିଜଣ ସଭ୍ୟ । ସେମାନେ ହେଲେ ଭାରତ ସଚିବ ପେଥିକ ଲରେନ୍‌ସ, ଏ.ଭି. ଆଲେକ୍‌ଜାଣ୍ଡାର ଓ ସାର୍ ଷ୍ଟାଫୋର୍ଡ଼ କ୍ରିପ୍‌ସ । ଏହି ମିଶନ ଭାରତ ସ୍ୱାଧୀନତା ପ୍ରାପ୍ତି ପାଇଁ ମନ୍ତବ୍ୟ ଦେବା ସହିତ ସମ୍ବିଧାନ ଗଠନ ନିମିତ୍ତ ସମ୍ବିଧାନ ପ୍ରଣେତାମାନଙ୍କୁ ସ୍ୱୀକୃତି ଦେଲେ ।

କ୍ୟାବିନେଟ ମିଶନ ଯୋଜନାନୁସାରେ ପ୍ରଥମେ ଶାସନ ବିଧାୟକ ସଭା ସକାଶେ ନିର୍ବାଚନ ହୋଇଥିଲା । ନିର୍ବାଚିତ ସଭ୍ୟମାନଙ୍କ ମଧ୍ୟରୁ ସମ୍ବିଧାନ ପ୍ରସ୍ତୁତି ନିମିତ୍ତ ଡ୍ରାଫ୍‌ଟିଂ କମିଟି ଗଠନ କରାଯାଇଥିଲା । ଯାହାର ମୁଖ୍ୟ ଅଧ୍ୟକ୍ଷ ଥିଲେ ଡଃ ଭୀମରାଓ ଆମ୍ବେଦକର । ତାଙ୍କୁ ସାହାଯ୍ୟ କରିବା ନିମିତ୍ତ ଥିଲେ – ସାର ଆଲ୍ଲାଦି କୃଷ୍ଣସ୍ୱାମୀ ଆୟାଙ୍ଗର, କେ.ଏମ୍. ମୁନ୍‌ସି, ଟି.ଟି. କୃଷ୍ଣମାଚାରୀ, ଏନ୍.ଗୋପାଳ ସ୍ୱାମୀ, ମହମ୍ମଦ ଅବଦୁଲା ଏବଂ ବି.ଏଲ୍. ମିତର । ଏହି କମିଟି ୧୯୪୭ ମସିହା ଅଗଷ୍ଟ ମାସରେ ଗଠିତ ହୋଇଥିଲା ।

ପୃଥିବୀର ପ୍ରାୟ ୬୦ଟି ଦେଶର ସମ୍ବିଧାନ ମହତ୍ୱପୂର୍ଣ୍ଣ ସନ୍ଦର୍ଭର ସାର୍ ନିର୍ଯ୍ୟାସକୁ ବିଚାରବିମର୍ଷ କରାଯାଇ ସମ୍ବିଧାନ ପ୍ରଣୟନ ସଭାରେ ଆଗତ କରାଯାଇଥିଲା । ୧୧୪ ଦିନ ଧରି ସୁଦୀର୍ଘ ଆଲୋଚନା ଓ ପର୍ଯ୍ୟାଲୋଚନା ହୋଇଥିଲା ଏବଂ ୩୯୫ଟି ଅନୁଚ୍ଛେଦ ଓ ଆଠଟି ଅନୁସୂଚୀ ସ୍ଥାନିତ କରାଯାଇଥିଲା । ୧୯୪୯ ମସିହା ନଭେମ୍ବର ୧୪ ତାରିଖଠାରୁ ୨୬ ତାରିଖ ପର୍ଯ୍ୟନ୍ତ ସଭାରେ ତିନିଥର ପଠନ କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କଲା । ସଂକ୍ଷେପରେ କହିଲେ ଡଃ ଆମ୍ବେଦକରଙ୍କର ଅଧ୍ୟକ୍ଷତାରେ ଆମ ସମ୍ବିଧାନ ପ୍ରସ୍ତୁତ ନିମିତ୍ତ ଦୀର୍ଘ ୨ ବର୍ଷ ୧୧ ମାସ ୧୮ ଦିନ ସମୟ ଲାଗିଥିଲା । ଅର୍ଥାତ୍ ୧୯୪୬ ମସିହା ଡିସେମ୍ବର ୯ ତାରିଖଠାରୁ ଆରମ୍ଭ ହୋଇ ୧୯୪୯ ମସିହା ନଭେମ୍ବର ୨୭ ତାରିଖରେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା । ସମ୍ବିଧାନର ଅନ୍ତିମ ପର୍ଯ୍ୟାୟରେ ଏହାକୁ ତିନୋଟି ନକଲ କରାଯାଇ ସମ୍ବିଧାନ ସଭାର ଅଧ୍ୟକ୍ଷ ତଥା ସଦସ୍ୟବୃନ୍ଦ ସ୍ୱାକ୍ଷର କରିଥିଲେ ୧୯୫୦ ମସିହା ଜାନୁଆରୀ ୨୪ ତାରିଖରେ । ଦେଶ ଉଦ୍ଦେଶ୍ୟରେ ସମ୍ବିଧାନକୁ ଉତ୍ସର୍ଗପୂର୍ବକ ଜାତୀୟ ସଂଗୀତ ଗାନ ଓ ବନ୍ଦେ ମାତରଂ ଧ୍ୱନିରେ ସଭାସାଙ୍ଗ ହୋଇଥିଲା ।

ଭାରତର ସମ୍ବିଧାନ କାର୍ଯ୍ୟକାରୀ ହେଲା ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ । ଏହି ସମ୍ବିଧାନ ଅନୁସାରେ ଦେଶ ପରିଚାଳିତ । ଅବଶ୍ୟ ସମୟର ବିବର୍ତ୍ତନ ଗତିରେ ମୂଳ ସମ୍ବିଧାନରେ ଅନେକ ସଂଶୋଧନ ହୋଇ ଆସୁଅଛି । ଅଥଚ ବିଶ୍ୱର

ବୃହତ୍ତମ ସମ୍ବିଧାନ ଭାବରେ ଆମ ସମ୍ବିଧାନର ମହନୀୟତା ସୁଦୂରପ୍ରସାରୀ ।

ତତ୍କାଳୀନ ମାନବ ସମାଜରେ ପ୍ରଚଳିତ ଥିବା ଅସ୍ପୃଶ୍ୟତା ବ୍ୟାଧିକୁ ଆମ୍ବେଦକର ଅନୁଭବ କରିଥିଲେ । ତେଣୁ ସେ ଜୀବନବ୍ୟାପୀ ମାନବ ସମାଜରୁ ଅସ୍ପୃଶ୍ୟତାକୁ ଦୂରୀଭୂତ କରିବା ନିମିତ୍ତ ଆପ୍ରାଣ ଚେଷ୍ଟା କରିଥିଲେ । ଏକନିଷ୍ଠ ମନ କୌଣସି ବାଧା ବନ୍ଧନକୁ ମାନି ନଥାଏ – ଏହା ହିଁ ଡଃ ଆମ୍ବେଦକରଙ୍କ ଜୀବନରେ ପ୍ରତିଫଳିତ । ଫଳସ୍ୱରୂପ ସ୍ୱାଧୀନ ଭାରତ ଶାସନ ନିମିତ୍ତ ଅଗଣିତ ଭାରତୀୟ ନାଗରିକଙ୍କ ହସ୍ତକୁ ଟେକି ଦେଇଗଲେ ସମ୍ବିଧାନଗ୍ରନ୍ଥ । ଦୀନ, ଦରିଦ୍ର, ଦଳିତ, ପତିତ ଜନର ବନ୍ଧୁ ଡକ୍ଟର ଆମ୍ବେଦକର ୬୫ ବର୍ଷ ବୟସରେ ୧୯୫୬ ମସିହା ଡିସେମ୍ବର ୬ ତାରିଖରେ ମୃତ୍ୟୁବରଣ କଲେ, ଅଥଚ ଛାଡ଼ି ଗଲେ ଅମରକୃତୀ ସମ୍ବିଧାନ ।

**ସହାୟକ ଗ୍ରନ୍ଥସୂଚୀ**


୧. ଆମ୍ବେଦକରଙ୍କ ଜୀବନୀ – ଶ୍ରୀ ନରେନ୍ଦ୍ର କୁମାର ରାଉତ

୨. ରାଜନୀତି ବିଜ୍ଞାନ – ବିଷ୍ଣୁଚରଣ ରାଉତ

୩. ଉତ୍କଳ ପ୍ରସଙ୍ଗ – ଜାନୁଆରୀ ୨୦୧୦



ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟ
ରେଙ୍ଗାଲି ଦକ୍ଷିଣ କେନାଲ ସିଷ୍ଟମ
ଢେଙ୍କାନାଳ-୭୫୯୦୦୧




ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଦ୍ୱାଦଶତମ ପ୍ରତିଷ୍ଠା ଦିବସକୁ ମହାମାନ୍ୟ ରାଜ୍ୟପାଳ ଶ୍ରୀ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି । ନିକଟରେ ଉଚ୍ଚଶିକ୍ଷା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ସାଂସଦ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଉପସ୍ଥିତ ଅଛନ୍ତି । ୪.୦୧.୧୧